# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 15 August – 2026

**********************************

## ମୁଖ୍ୟ ସମ୍ବାଦ

- ଦେଶର ଏକ କୋଟି ଯୁବବର୍ଗଙ୍କୁ କୃତ୍ରିମ ବୁଦ୍ଧିମତ୍ତା ଦକ୍ଷତା ପ୍ରଶିକ୍ଷଣ ଦିଆଯିବ; କହିଲେ ପ୍ରଧାନମନ୍ତ୍ରୀ

— ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲାଠାରେ ଜାତୀୟ ପତାକା କଲେ ଉତ୍ତୋଳନ

- ରାଜ୍ୟରେ ସରକାରୀ ଚାକିରି ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନଙ୍କ ସର୍ବାଧିକ ବୟସସୀମା ୩୨ ରୁ ୪୨ ବର୍ଷକୁ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

- ହକି ବିଶ୍ୱକପ୍‌ର ଉଦ୍‌ଘାଟନ ମ୍ୟାଚ୍‌ରେ ୱେଲ୍ସକୁ ୩/୧ ଗୋଲରେ ପରାସ୍ତ କଲା ଭାରତୀୟ ପୁରୁଷ ଦଳ

ଏବଂ

- ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ

# ପି.ଏମ୍. - ସ୍ୱାଧୀନତା ଦିବସ

ଦେଶ ଆଜି ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଛି । ଏହି ଅବସରରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାରେ ଆୟୋଜିତ ଜାତୀୟସ୍ତରୀୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଏକବର୍ଷ ମଧ୍ୟରେ ଦେଶର ଏକ କୋଟି ଯୁବକ-ଯୁବତୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଦକ୍ଷତାର ପ୍ରଶିକ୍ଷଣ ଦିଆଯିବ। ଏହା ମାଧ୍ୟମରେ ଦେଶର ଯୁବ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେବାରେ ସକ୍ଷମ ହୋଇପାରିବେ।

**- V/O -(PM-AI)**

ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶରେ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଯୁବବର୍ଗଙ୍କ ପାଇଁ ନିଶୁଳ୍କ ଅନଲାଇନ୍ କୋଚିଂ ସମ୍ପର୍କରେ ମଧ୍ୟ ଘୋଷଣା କରିଛନ୍ତି। ଏହା ସହ ଦେଶରେ କ୍ରୀଡାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୫ ବର୍ଷରୁ ୧୫ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଗ୍ରାମୀଣ, ସହର ଓ ବିଦ୍ୟାଳୟ ସ୍ତରରେ **ସ୍ୱତନ୍ତ୍ର ପ୍ରତିଭା ଅନ୍ୱେଷଣ ଅଭିଯାନ** ଆରମ୍ଭ କରାଯିବ। ଏହା ମାଧ୍ୟମରେ କ୍ରୀଡା ପ୍ରତିଭାର ବିକାଶ ସହ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

ସେମିକଣ୍ଡକ୍ଟର ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଡିଜିଟାଲ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସେମିକଣ୍ଡକ୍ଟର ଗୁରୁତ୍ୱପୂର୍ଣ୍ଣ

ଭୂମିକା ନିର୍ବାହ କରୁଛି। ଦେଶରେ ବର୍ତ୍ତମାନ ୩ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି। ଆଗାମୀ ଦିନରେ ଆହୁରି ୮ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉପଲବ୍ଧି କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରାଯିବା ଧାର୍ଯ୍ୟ ଲକ୍ଷ୍ୟ ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ୬ କୋଟି ଲକ୍ଷପତି ଦିଦି ସୃଷ୍ଟି କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହା ମାଧ୍ୟମରେ ଗ୍ରାମୀଣ ଅର୍ଥନୀତି ଆହୁରି ସୁଦୃଢ଼ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ୨୦୪୭ ମସିହାରେ ବିକଶିତ ଭାରତ ଗଠନ ଆଡକୁ ଅଗ୍ରସର ହେଉଛି। ଗତ ୧୨ ବର୍ଷ ମଧ୍ୟରେ କୋଟି କୋଟି ନାଗରିକଙ୍କ ସଂକଳ୍ପ ଓ ସମର୍ପଣ ସହ ଦେଶ ଉଚ୍ଚତାର ନୂତନ ଶିଖର ଛୁଉଁଛି।

ଦେଶର ୨୫ କୋଟିରୁ ଊର୍ଦ୍ଧ୍ୱ ନାଗରିକ ଦାରିଦ୍ର୍ୟ ସୀମାରେଖାରୁ ବାହାରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର ବିକାଶ ପାଇଁ ସପ୍ତଧାରା ସଂପର୍କରେ ଆଲୋଚନା କରିଛନ୍ତି।

ଏଥିରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ସହ ବିକଶିତ କରିବାକୁ ହେଲେ ଉତ୍ପାଦନଶକ୍ତି, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ, ଗତିଶକ୍ତି, ଭିତ୍ତିଭୂମି, ରକ୍ଷାଶକ୍ତି, ସବୁଜ ଏବଂ ନୀଳ ଅର୍ଥନୀତି ତଥା ଯୋଗ-ଆୟୁର୍ବେଦ, ପର୍ଯ୍ୟଟନ ଭଳି ସଫ୍ଟ ପାୱାରକୁ ସୁଦୃଢ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆଜି ପ୍ରଥମଥର ପାଇଁ ଲାଲକିଲ୍ଲାଠାରେ ବନ୍ଦେ ମାତରମ୍ ଗାନ କରାଯାଇଥିଲା।

## ମୁଖ୍ୟମନ୍ତ୍ରୀ-ସ୍ୱାଧୀନତା ଦିବସ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସରକାରୀ ଚାକିରି ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନଙ୍କୁ ଅଧିକ ସୁଯୋଗ ଦେବା ଲାଗି ଆବେଦନର ସର୍ବାଧିକ ବୟସ ସୀମାକୁ ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ସେହିଭଳି ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ଥିବା ସର୍ବାଧିକ ୬ଟି ସୁଯୋଗକୁ ଉଠାଇ ଦେବା ସହ ଏହି ପରୀକ୍ଷା ପାଇଁ ସର୍ବୋଚ୍ଚ ବୟସ ସୀମା ପର୍ଯ୍ୟନ୍ତ ଆବେଦନ କରିବାକୁ ପ୍ରାର୍ଥୀମାନଙ୍କୁ ସୁଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପୂର୍ବରୁ ବିଦ୍ୟାଳୟଗୁଡ଼ିକରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନିଶୁଳ୍କ ପାଠ୍ୟପୁସ୍ତକ ପ୍ରଦାନ କରାଯାଉଥିବାବେଳେ ବର୍ତ୍ତମାନ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ନିଶୁଳ୍କ ପାଠ୍ୟପୁସ୍ତକ ଦିଆଯିବ।

ଏହା ସହ ଉପାନ୍ତ ଜିଲ୍ଲାରେ ୧୮ଟି ନୂଆ ସରକାରୀ ମହାବିଦ୍ୟାଳୟ ଏବଂ ୪ଟି ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରୀ ମାଝୀ କହିଛନ୍ତି, ସରକାର ଓଡ଼ିଶାର ସବୁ ଅଂଚଳକୁ ଯୋଡିବା ପାଇଁ ୩ଟି

ପ୍ରମୁଖ ସଡକ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଯୋଜନା କରିଛନ୍ତି। ବ୍ରହ୍ମପୁରରୁ ଜୟପୁର, ପାରଳାଖେମୁଣ୍ଡିରୁ ଅମ୍ବାଭୋନା ପର୍ଯ୍ୟନ୍ତ ନମୋ ଏକ୍ସପ୍ରେସ୍-ୱେ ଏବଂ ମୋଟୁଠାରୁ ତିରିଙ୍ଗି ପର୍ଯ୍ୟନ୍ତ ଅଟଳ ଏକ୍ସପ୍ରେସ୍ ୱେ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ଏହି ତିନୋଟି ପ୍ରକଳ୍ପ ଲାଗି ସରକାର ୩୧ ହଜାର କୋଟି ଟଙ୍କା ବିନିଯୋଗ କରିବେ।

ଏଗ୍ରୀଷ୍ଟାକ ପଞ୍ଜୀକରଣ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଗ୍ରୀଷ୍ଟାକ ପଞ୍ଜୀକରଣ ସହ ଧାନ କିଣା ପାଇଁ ପି-ପାସ୍ ପଞ୍ଜୀକରଣର କୌଣସି ସମ୍ପର୍କ ନାହିଁ। ପି-ପାସ୍‌ରେ ପଞ୍ଜୀକରଣ କରି ଚାଷୀମାନେ ସେମାନଙ୍କ ଧାନ ବିକ୍ରୟ କରିପାରିବେ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ଗାନ୍ଧୀମାର୍ଗଠାରେ ଅନୁଷ୍ଠିତ ପରେଡ୍‌ରେ ୫୦ଟି ପ୍ଲାଟୁନ୍ ଅଂଶଗ୍ରହଣ କରି ଥିଲେ।

## ସ୍ୱାଧୀନତା ଦିବସ-ଜିଲ୍ଲା

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ସମାରୋହରେ  ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାସ୍ତରୀୟ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ଏକ ନୂଆ ଓଡ଼ିଶା ବିକଶିତ ଓଡ଼ିଶା ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଶ୍ରୀ ପୂଜାରୀ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ

କରିଥିବା ଛାତ୍ରଛାତ୍ରୀ, ସମାଜସେବୀ, ଅଙ୍ଗନଓ୍ୱାଡି କର୍ମୀ, ଶିକ୍ଷକ, ପୁଲିସ୍ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ନୟାଗଡ଼** ଜିଲ୍ଲା ରଣପୁର ବିଜ୍ଞପିତ ଅଂଚଳ ପରିଷଦ ପଞ୍ଚୁଦୋଳ ପଡିଆରେ ୮୦ତମ ସ୍ୱାଧୀନତା ଦିବସ ଅବସରରେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଶ୍ରୀମତୀ ପାଢୀ ସ୍ୱାଧୀନତା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ସହିଦମାନଙ୍କୁ ସ୍ମରଣ କରିବା ସହ ସହିଦ୍ ରଘୁନାଥ ମହାନ୍ତି ଓ ସହିଦ ଦିବାକର ପରିଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

**ସମ୍ବଲପୁର** ରିଜର୍ଭ ପୁଲିସ୍ ପଡିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପରେଡରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଛନ୍ତି। ଦେଶ ଭାଗିଦାରୀରେ ନୂଆ ପିଢି ଆଗକୁ ଆସିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଆହ୍ୱାନ ଦେଇଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସ୍ୱାଧୀନତା ଦିବସ ସମାରୋହରେ କୁଳପତି ଡକ୍ଟର ଅଜିତ କୁମାର ଶାସନୀ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମାବେଶକୁ ସମ୍ବୋଧିତ କରି ଏକତା, ଜାତୀୟ ବିକାଶ ଓ ଦେଶର ଭବିଷ୍ୟତ ଗଢିବାରେ ଯୁବସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।

## ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ସୋମବାର ୧୭ ତାରିଖଦିନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣି ସମ୍ପର୍କରେ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷକୁ କୁହାଯାଇଛି।

## ମୁଖ୍ୟମନ୍ତ୍ରୀ– ରାଜ୍ୟସ୍ତରୀୟ ପଦକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ କରିଛନ୍ତି। ବିଶିଷ୍ଟ ସେବା ପାଇଁ ଦୁଇଜଣଙ୍କୁ ରାଷ୍ଟ୍ରପତି ପଦକ  ପ୍ରଦାନ କରାଯାଇଛି। ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ପ୍ରତୀକ ମହାନ୍ତି, ଡିସିପି ପ୍ରଫୁଲ୍ଲ ସିଂହଙ୍କୁ ବିଶିଷ୍ଟ ସେବା ପାଇଁ ପଦକ ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ସେବା ପାଇଁ ୧୭ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶ୍ରୀ ମାଝୀ ସମ୍ମାନିତ କରିଛନ୍ତି। ଉପ ଆରକ୍ଷୀ ଅଧୀକ୍ଷକ ଅତୁଲ କ୍ରିଷ୍ଣ ଦାସ, ଏ.ଏସ୍.ଆଇ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କନଷ୍ଟେବଲ ଘନଶ୍ୟାମ ସାହୁ, ଥବିର ମାଝୀଙ୍କୁ ସାହସିକତା ପାଇଁ ଏହି ପଦକ ପ୍ରଦାନ କରାଯାଇଛି।

# ଏଫ୍.ଆଇ.ଏଚ୍.

ଏଫ୍.ଆଇ.ଏଚ୍-ହକି ବିଶ୍ୱକପ୍-୨୦୨୬ ଆଜିଠାରୁ ଆରମ୍ଭ ହୋଇଛି। ବେଲ୍‌ଜିୟମ୍ ଓ ନେଦରଲ୍ୟାଣ୍ଡ ମିଳିତ ଭାବେ ଏହି ପ୍ରତିଯୋଗିତାର ଆୟୋଜନ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଜି ଭାରତୀୟ ପୁରୁଷ ହକି

ଦଳ ୱେଲ୍ସକୁ ୩/୧ ଗୋଲ୍‌ରେ ପରାସ୍ତ କରିଛି। ଆସନ୍ତା ସୋମବାର ଦିନ ଭାରତ ଓ ଇଂଲଣ୍ଡ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଯୋଗିତା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ପାଣିପାଗ-ବନ୍ୟା

ଉତ୍ତରପଶ୍ଚିମ ବଙ୍ଗୋପସାଗର ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ହୋଇଛି। ଏହା ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଅନ୍ୟପକ୍ଷରେ, ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବାଲେଶ୍ୱର ସୁବର୍ଣ୍ଣରେଖା ନଦୀର ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି।

ରାଜ୍ୟରେ ବନ୍ୟା ସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ **ସୁରେଶ ପୂଜାରୀ** କହିଛନ୍ତି, ରାଜ୍ୟରେ ଆଗାମୀ ଦିନରେ ବନ୍ୟାର ପ୍ରକୋପ ହ୍ରାସ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।